Back

# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଷଷ୍ଠ ଅଧିବେଶନ

## ବୁଧବାର , ଫେବୃୟାରୀ ୨୪ , ୨୦୨୧

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

### ପ୍ରଶ୍ନ ସଂଖ୍ୟା - ୩୦

**( କୃଷି ଓ କୃଷକ ସଶକ୍ତିକରଣ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ବିଦ୍ୟାଳୟ ଓ ଗଣଶିକ୍ଷା,ଉଚ୍ଚ ଶିକ୍ଷା,ସମବାୟ,ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ )**

### କୃଷି ସାମଗ୍ରୀଗୁଡିକର ମୂଲ୍ୟ ଆକଳନ

***୧୨୧ . ଶ୍ରୀ ଅମର ପ୍ରସାଦ ଶତପଥୀ :** କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ଧାନ ସମେତ ଉତ୍ପାଦିତ ହେଉଥିବା କୃଷି ସାମଗ୍ରୀଗୁଡିକର ମୂଲ୍ୟର ଆକଳନ କରାଯାଇଅଛି କି , (ଖ) ଏହାର ସବିଶେଷ ତଥ୍ୟ କୁଇଣ୍ଟାଲ ପିଛା କେତେ ହେବ ?

### ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ

***୧୨୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟ ସରକାର ଚଳିତ ବର୍ଷ ଖରିଫ ଋତୁରେ ମୋଟ କେତେ କୁଇଣ୍ଟାଲ୍ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ମୋଟ କେତେ ଚାଷି ଧାନ ବିକିବା ପାଇଁ ତାଙ୍କର ନାଁ ରେଜିଷ୍ଟ୍ରେସନ୍ ଏବଂ ଆଜି ପର୍ଯ୍ୟନ୍ତ ମୋଟ କେତେ ଧାନ ସଂଗ୍ରହ କରାଯାଇଛି ଏହି ସମସ୍ତ ଧାନର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; (ଖ) ମିଲ୍ ମାଲିକମାନେ ମଣ୍ଡି, ପେକ୍ସ, ଆର୍,ଏମ୍.ସି. ରେ ଯାଇ ସିଧା ସଳଖ 8-10 କେ.ଜି. ଧାନ କଟନି ଛଟନି କରି କିଣିଥିବା ସରକାର ଜାଣନ୍ତି କି ଏବଂ ମଣ୍ଡି, ପେକ୍ସ, ଆର୍.ଏମ୍.ସି. ରୁ ଚାଷିର ଧାନ କିଣି ଧାନକୁ ମିଲ୍ ପର୍ଯ୍ୟନ୍ତ ପରିବହନ କରିବା ପାଇଁ ଟେଣ୍ଡର ହୋଇଥିଲେ ମଧ୍ୟ ଟେଣ୍ଡର L1 କୁ ନ ଦେଇ ମିଲ୍ ମାଲିକମାନଙ୍କୁ Transportation ପାଇଁ ଦେବାର କାରଣ କଣ ?

**ବନ୍ଦ ଥିବା ଶିକ୍ଷାନୁଷ୍ଠାନ ପୁନଃ ସ୍ଥାପନ**

***୧୨୩ . ଶ୍ରୀ ଅନନ୍ତ ଦାସ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶା ସହିତ ପଡଶୀ ରାଜ୍ୟ ମାନଙ୍କ ସୀମା ବିବାଦ ଆଲୋଚନା ବେଳେ ମାନ୍ୟବର ବାଚସ୍ପତିଙ୍କ ଅଧ୍ୟକ୍ଷତା ରେ ଗଠିତ House Committee ନିଷ୍ପତି କରିଥିଲା ଯେ ଉଭୟ ରାଜ୍ୟ ସୀମା ଠାରୁ 5 k.m ମଧ୍ୟରେ କୌଣସି ଓଡିଆ ବିଦ୍ୟାଳୟ ବା କୌଣସି ସରକାରୀ ଅନୁଷ୍ଠାନ ଓଡିଶାର ସ୍ୱାର୍ଥ ଦୃଷ୍ଟି ରୁ ଉଠାପାଇ ପାରିବ ନାହିଁ ଏହା ସତ୍ତ୍ୱେ ଉକ୍ତ ବିଭାଗ ଦ୍ୱାରା କେତେ ଓଡିଆ ଶିକ୍ଷାନୁଷ୍ଠାନ ପିଲା ଅଭାବ ଯୋଗୁଁ ବନ୍ଦ କରାଯାଇଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି 5 K.M ମଧ୍ୟରେ ଉଠିଯାଇଥିବା ଶିକ୍ଷାନୁଷ୍ଠାନ ର ପୁନଃ ସ୍ଥାପନ କରିବେ କି ?

**ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ହେଉଥିବା ପାଠ୍ୟକ୍ରମ**

***୧୨୪ . ଶ୍ରୀ ବଦ୍ରୀ ନାରାୟଣ ପାତ୍ର :** ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନରେ କେନ୍ଦୁଝରଗଡ଼ଠାରେ ପ୍ରତିଷ୍ଠିତ University Second Campus ରେ କେଉଁ କେଉଁ ବିଷୟରେ କି କି ପାଠ୍ୟକ୍ରମ ଶିକ୍ଷାଦନର ବ୍ୟବସ୍ଥା ଅଛି ଏବଂ ସେ ସବୁ ବିଷୟରେ ବର୍ତ୍ତମାନ Faculty Position କଣ; ପ୍ରତ୍ୟେକ ବିଷୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କେତେ; University ତରଫରୁ ଏଠାରେ କୌଣସି ଅଧିକାରୀ ପ୍ରଶାସନିକ ଅଧିକାରୀ ନଥିବା ସରକାର ଜାଣନ୍ତି କି; ଏଠାରେ Post Graduate Tribal Study ଅଧ୍ୟୟନ ପାଇଁ ବ୍ୟବସ୍ଥା କରିବାସହିତ ଏହାକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନକରି ଜିଲ୍ଲାବାସୀଙ୍କ ବହୁଦିନର ଦାବି ପୂରଣ କରିବେ କି ?

**ଅଧିକ ମହିଳା ଶାଖା ବ୍ୟାଙ୍କ ଖୋଲିବା ପାଇଁ ପଦକ୍ଷେପ**

***୧୨୫ . ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ :** ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ କେତୋଟି ମହିଳା ଶାଖା ବ୍ୟାଙ୍କ କାର୍ଯ୍ୟ କରୁଛି ; ସେଥିରେ କେତେ ମହିଳା କେଉଁ କେଉଁ ପଦବୀରେ ନିଯୁକ୍ତି ପାଇଛନ୍ତି ; ରାଜ୍ୟରେ ତଥା ଖୋର୍ଦ୍ଧା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂଖ୍ୟା ବୃଦ୍ଧି ହେଉଥିବାରୁ ମହିଳା ମାନଙ୍କୁ ଖୋର୍ଦ୍ଧା ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିକ ମହିଳା ଶାଖା ଖୋଲିବା ପାଇଁ ଦୃଷ୍ଟି ଦେବେ କି?

**VAS, AVAS ପଦବୀର sanction Post ର ସଂଖ୍ୟା**

***୧୨୬ . ଶ୍ରୀ ଭୂପିନ୍ଦର ସିଂହ :** ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ VAS, AVAS ପଦବୀ sanction Post କେତେ, ତନ୍ମଧ୍ୟରୁ ଜିଲ୍ଲାୱାରୀ କେତେ ଜଣ ନିଜ ନିଜ ସ୍ଥାନରେ ଅଛନ୍ତି ; Vacant Post କେଉଁ କେଉଁ ସ୍ଥାନରେ ଅଛି ତାର ଏକ ତାଲିକା ଦେବେ କି ଓ ଏହି Post ଗୁଡିକ କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି ; (ଖ) ସେହିପରି L.I. (Livestock Inspector) ସର୍ବମୋଟ sanction post କେତେ ଓ vacant ଥିବା post କେତେ ତାର detail ତାଲିକା ଦେବେ କି?

**ଧାନ, ଗହମ ଫଳପରିବା ଓ ମକା ଆଦିର ଉତ୍ପାଦନ ଓ ଉତ୍ପାଦିକତା ହାର**

***୧୨୭ . ଶ୍ରୀ ମୋହନ ଚରଣ ମାଝୀ :** କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- 2014 ରୁ ଅଦ୍ୟାବଧି ରାଜ୍ୟରେ ଧାନ, ଗହମ, ଡାଲି ଜାତୀୟ ଶସ୍ୟ, ଉଦ୍ୟାନ କୃଷିଜାତ ବିଭିନ୍ନ ଫଳପରିବା , କପା , ମକା ଆଦିର ଏକର ପିଛା ଉତ୍ପାଦନ ଓ ଉତ୍ପାଦିକତା ହାର କେତେ ରହିଛି, ଏ ବାବଦରେ ଏକର ପିଛା ବିଭିନ୍ନ ପ୍ରକାରର ବିନିଯୋଗ ଜନିତ ଖର୍ଚ୍ଚ ହାର କେତେ, ଏହି ହାର ଜାତୀୟ ହାର ତଥା ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ତୁଳନାରେ କେତେ ଏ ନେଇ ରାଜ୍ୟର ବର୍ଷ ଓ ଜିଲ୍ଲାୱାରୀ ତୁଳନାତ୍ମକ ବିବରଣୀ ଦେବେ କି; ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏକର ପିଛା ଉତ୍ପାଦନ ଓ ଉତ୍ପାଦିକତା ହାର ଓଡ଼ିଶାରେ କମ ଏବଂ ବିନିଯୋଗ ହାର ଅଧିକ ରହିବାର କାରଣ କଣ; ଏହାର ବିଶ୍ଳେଷଣାତ୍ମକ ରିପୋର୍ଟ ଉପସ୍ଥାପନ କରିବେ କି; କେବେ ସୁଦ୍ଧା ଏହି ବୈଷମ୍ୟ ଦୂରୀଭୂତ ହେବ ବୋଲି ଆକଳନ କରାଯାଇଛି ?

**SSG ଜରିଆରେ ଧାନ ସଂଗ୍ରହ**

***୧୨୮ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ ଋତୁରେ କୃଷି ସେବା ସମବାୟ ସମିତି ଓ SSG ଜରିଆରେ କେତେ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ତନ୍ମଧ୍ୟରୁ କେତେ ଧାନ କ୍ରୟ କରାଯାଇସାରିଛି, ଜିଲ୍ଲାରେ ସମୁଦାୟ କେତେ ଚାଷୀ ପଞ୍ଜିକୃତ ହୋଇଛନ୍ତି, ଏହା କଣ ସତ୍ୟ କିଛି ଚାଷୀ ଟୋକନ ପାଇଥିଲେ ମଧ୍ୟ ଧାନ ବିକ୍ରୟ କରିପାରୁ ନାହାନ୍ତି, , ମିଲରମାନଙ୍କ ଟ୍ରକ ନଆସିବା ଫଳରେ ଧାନ ପଡି ରହୁଛି, କେତେକ ମିଲର ଗନି ବ୍ୟାଗ ଦେଉ ନାହାନ୍ତି, ଯାହା ଫଳରେ ଚାଷୀ କ୍ଷତିରେ ପଡୁଛି, RMC, FAQ ମାନ ଠିକ୍ ଭାବରେ ଚିହ୍ନଟ କରି ପାରୁ ନଥିବାରୁ ଚାଷୀ କ୍ଷତି ସହୁଛି, ଏଥିପ୍ରତି ଧ୍ୟାନ ଦେବେ କି ?

## ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

***୧୨୯ . ଶ୍ରୀ ଲାଲିତେନ୍ଦୁ ବିଦ୍ୟାଧର ମହାପାତ୍ର :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡ଼ିଶାରେ ଜିଲ୍ଲାୱାରୀ କେତୋଟି ପ୍ରାଥମିକ ସ୍କୁଲ ଅଛି; କେତୋଟି ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି ତାର ସଂଖ୍ୟା ଓ ଉତ୍ସ ଯଥା-ଟ୍ୟାପ ୱାଟର, ନଳକୂପ, କୂପ ବା ପୁଷ୍କରିଣୀରୁ; କେତୋଟି ବିଦ୍ୟାଳୟରେ ପୁଅଝିଅଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ଅଛି; ତାର ଜିଲ୍ଲାୱାରୀ ସଂଖ୍ୟା ; କେତୋଟି ସ୍କୁଲରେ ପାଇପ ଦ୍ୱାରା ଶୌଚାଳୟକୁ ପାଣି ଯୋଗାଇ ଦିଆଯାଉଛି, ଜିଲ୍ଲାୱାରୀ ତାର ସଂଖ୍ୟା ?

## କରୋନା ଯୋଗୁଁ ଶିକ୍ଷା ଖସଡା ପରିବର୍ତ୍ତନ

***୧୩୦ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କରୋନା ସଂକ୍ରମଣଜନିତ କଟକଣା ଯୋଗୁଁ ଦୀର୍ଘ 10 ମାସ ଧରି ପ୍ରତ୍ୟକ୍ଷ ଶିକ୍ଷାଦାନ, ଗବେଷଣା ଓ ପରୀକ୍ଷା କାର୍ଯ୍ୟକ୍ରମ ବନ୍ଦକୁ ଦୃଷ୍ଟିରେ ରଖି ସରକାର ଶିକ୍ଷା ବର୍ଷ ଖସଡା (Academic Calender) ପରିବର୍ତ୍ତନ କରିଛନ୍ତି କି, ଯଦି ହଁ, ତେବେ ଚଳିତ ଓ ଆଗାମୀ ଶିକ୍ଷା ବର୍ଷ ପାଇଁ ବିକଳ୍ପ ଖସଡା କଣ ସବିଶେଷ ତଥ୍ୟ ଦେବେ କି ?

## କପାର ଅଭାବୀ ବିକ୍ରୀ

***୧୩୧ . ଶ୍ରୀ ନାଉରୀ ନାୟକ :** ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବ୍ଲକରେ କପା ଚାଷ କରାଯାଉଛି ଏବଂ ଏହି ଚାଷରେ କେତେ ସଂଖ୍ୟକ ଚାଷୀ ନିୟୋଜିତ ଅଛନ୍ତି ବିଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାରୁ କେଉଁ ବର୍ଷ କେତେ କପା ଉତ୍ପାଦିତ ହୋଇ ରାଜ୍ୟ ମଧ୍ୟରେ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ ହୋଇଛି ଓ କେତେ ପରିମାଣର କପା କେଉଁ ରାଜ୍ୟର ସ୍ପିନିଂ ମିଲକୁ ବିକ୍ରି କରାଯାଇଛି, ଏଥିରୁ କେଉଁ କେଉଁ ଆରଏମସିକୁ କେତେ ଅର୍ଥ ମିଳିଛି ତା'ର ଏକ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି କପା ଉତ୍ପାଦିତ ହୋଇଥିବା ଜିଲ୍ଲାରେ ବେକାର ଯୁବକ, ଯୁବତୀ ମାନଙ୍କ କର୍ମସଂସ୍ଥାନ ଯୋଗାଇବା କ୍ଷେତ୍ରରେ ଓ କପାର ଅଭାବୀ ବିକ୍ରୀ ଦୂର କରିବା ନିମନ୍ତେ ସୂତାକଳ, କପଡା ତିଆରି କଳ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଜଣାଇବେ କି ?

## କୁକୁଡ଼ା ପାଳନ ପାଇଁ ପ୍ରୋତ୍ସାହନ

***୧୩୨ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡ଼ିଶାରେ ବେକାରୀ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ

ପଞ୍ଚାୟତରେ ବେକାର ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୫୦ ସଂଖ୍ୟକ କୁକୁଡ଼ା ପାଳନ କରିବା ପାଇଁ ଦିଆଯାଉଛି , ଏହି ଯୋଜନାରେ ଅଧିକ ସଂଖ୍ୟକ ବେକାର ଯୁବକ ଯୁବତୀ ମାନଙ୍କୁ ସାମିଲ କରିବା ପାଇଁ ନିର୍ଦ୍ଦେଶଦେଇ ବେକାରୀ ସମସ୍ୟା ଦୂରୀକରଣ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି; ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଓ ଓଡ଼ଗାଁ ବ୍ଲକରେ ଏହି ଯୋଜନାରେ ଅଧିକ ସଂଖ୍ୟକ ବେକାର ଯୁବକ ଯୁବତୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବେ କି ?

## ଚାଷ କ୍ଷେତ୍ର ପରିମାଣ ବୃଦ୍ଧି

***୧୩୩ . ଶ୍ମୋହମ୍ମଦ ମୋକ୍ୟୁମ :** କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ୨୦୧୨-୧୩ରେ ପ୍ରଥମ ସ୍ୱତନ୍ତ୍ର କୃଷି ବଜେଟ୍ ରାଜ୍ୟରେ ପ୍ରଣୟନ ପରଠାରୁ, ୨୦୧୯-୨୦ ମଧ୍ୟରେ ଚାଷ କ୍ଷେତ୍ର ପରିମାଣ କେତେ ବଢ଼ିଛି; କୃଷିର ରାଜ୍ୟ ଜିଡ଼ିପିକୁ ୨୦୧୯-୨୦ରେ ଅବଦାନ କେତେ; ୨୦୧୨-୧୩ ତୁଳନାରେ ଏହା କେତେ ବଢ଼ିଛି; କେତେ ଚାଷୀ ଗରିବୀ ସୀମା ରେଖା ଉପରକୁ ଏହି କୃଷି ବଜେଟ ଯୋଗୁଁ, ୨୦୧୨- ୧୩ ଓ ୨୦୧୯-୨୦ ମଧ୍ୟରେ ଉଠିପାରିଛନ୍ତି ?

## ଚାଷୀମାନଙ୍କ ଠାରୁ ଧାନ କ୍ରୟ

***୧୩୪ . ଶ୍ରୀ ନରସିଂହ ମିଶ୍ର :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେତେ ଚାଷୀ କେତେ ଜମିରେ ଧାନଚାଷ କରି ବର୍ଷକୁ କେତେ ଧାନ ଉତ୍ପାଦନ କରୁଛନ୍ତି, ଏବଂ ଉତ୍ପାଦିତ ଧାନରୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଯଥାକ୍ରମେ କେତେ ଧାନ କିଣୁଛନ୍ତି ; ରାଜ୍ୟ ସରକାର ଜଳସେଚିତ ଜମି ଓ ଅଣ ଜଳସେଚିତ ଜମିରୁ ହେକ୍ଟର ପିଛା କେତେ ଧାନ କିଣୁଛନ୍ତି ଏବଂ ଚାଷୀମାନେ ଧାନ ବିକ୍ରି ପ୍ରକ୍ରିୟାରେ ବ୍ୟାପକ ଅସୁବିଧା ସମ୍ମୁଖୀନ ହେଉଥିବା ସରକାର ଜାଣନ୍ତି କି; ଯଦି ଜାଣନ୍ତି,ତା ହେଲେ କଣ ପଦକ୍ଷେପ ନିଆଯାଉଛି ?

## ବନ୍ଦ ହୋଇଥିବା ବିଦ୍ୟାଳୟର ଜାଗା ସୁବିନିଯୋଗ

***୧୩୫ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକର କୋଠାବାଡି ଓ ଜାଗାର ଅନ୍ୟତ୍ର ବିନିଯୋଗ ନହେବାରୁ ଏହା ଜବରଦଖଲ ହେବା ସହ ଅସାମାଜିକଙ୍କ ଆଡାସ୍ଥଳୀ ହେଉଥିବା

ଅଭିଯୋଗ ପରିପ୍ରେକ୍ଷୀରେ ଏହି ବନ୍ଦ ହୋଇଥିବା ବିଦ୍ୟାଳୟର ଜାଗା ଓ କୋଠାବାଡିର ସୁବିନିଯୋଗ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

**ବିକ୍ରମ ସ୍ୱଂୟ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା**

***୧୩୬ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜୟପୁରସ୍ଥିତ ବିକ୍ରମ ଦେବ ସ୍ୱଂୟ ଶାସିତ ମହା ବିଦ୍ୟାଳୟଟି ରାଜ୍ୟର ଅନ୍ୟତମ ପୁରାତନ ଉଚ୍ଚଶିକ୍ଷା ଅନୁଷ୍ଠାନ ହୋଇଥିବା ସତ୍ତ୍ୱେ ତାହା ସରକାରଙ୍କ ଅବହେଳାର ଶିକାର ହେବା କାରଣ କ'ଣ, ଏହାର ସମ ସାମୟିକ ତଥା ପରେ ପ୍ରତିଷ୍ଠିତ ମହାବିଦ୍ୟାଳୟଗୁଡିକୁ ସରକାର ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେଇଛନ୍ତି କି, ବିଳମ୍ବରେ ହେଲେ ବି ଆଦିବାସୀ ଅଞ୍ଚଳରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ଭାବେ ଉନ୍ନତିକରଣ କରାଯିବ କି ?

**ଡମଣା ହାଟର ଉନ୍ନତି**

***୧୩୭ . ଶ୍ରୀ ସୁରେଶ କୁମାର ରାଉତରାୟ :** ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜଟଣୀ R.M.C. ଅଧିନରେ ଥିବା ଡମଣା ହାଟକୁ ଆସିଥିବା ଅନୁଦାନ ଅର୍ଥ କଣ ପାଇଁ ଖର୍ଚ୍ଚ ନହୋଇ ପଡିଛି, କୃଷକମାନଙ୍କ ପାଇଁ R.M.C. ଥିବା ସମୟରେ ସରକାର କୃଷିମାରଣ ନୀତିକୁ ଆପଣେଇ BMC କୁ ଡମଣା ହାଟ ଦେବା ପାଇଁ ଯୋଜନା କରିବାର କାରଣ କଣ, ଡମଣା ହାଟର ଉନ୍ନତି ପାଇଁ ସରକାର କଣ ଯୋଜନା କରିଛନ୍ତି ସବିଶେଷ ବିବରଣୀ ରଖିବେକି?

**ମାଛ ଚାଷ ପାଇଁ ପ୍ରୋତ୍ସାହନ**

***୧୩୮ . ଶ୍ରୀ ପ୍ରଦୀପ କୁମାର ଦିଶାରୀ :** ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଥୁଆମୂଳରାମପୁର ବ୍ଲକ ଏକ ଆଦିବାସୀ ବହୁଳ ଏବଂ ଦୁର୍ଗମ ଅଂଚଳ ଅଟେ, ବହୁମୁଖୀ ଇନ୍ଦ୍ରାବଦୀ ପ୍ରକଳ୍ପ ଦ୍ୱାରା ସେଠାରେ ଏକ ବିଶାଳ ଜଳଭଣ୍ଡାର ରହିଛି, ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ନିମନ୍ତେ ଉକ୍ତ ଜଳଭଣ୍ଡାରରେ ପିଂଜରା ଭିତରେ ମାଛ ଚାଷ କରିବା ପାଇଁ ସରକାରଙ୍କ କଣସବୁ ପ୍ରୋତ୍ସାହନର ବ୍ୟବସ୍ଥା ଅଛି ତାହା ଜଣାଇବେକି?

**ଖରିଫ ଋତୁରେ ଧାନ ଚାଷ**

***୧୩୯ . ଶ୍ରୀ ମୁକେଶ ମହାଲିଙ୍ଗ :** କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ୨୦୨୦-୨୧ ମସିହା ଖରିଫ ଋତୁରେ ରାଜ୍ୟରେ କେତେ ଜଣ ଚାଷୀ କେତେ

ପରିମାଣ Non-Irrigated Land ଏବଂ କେତେ ପରିମାଣ Irrigated Landରେ ଧାନ ଚାଷ କରିଥିଲେ, ଜିଲ୍ଲାୱାରୀ ତଥ୍ୟ ଦେବେ କି; ଜିଲ୍ଲାୱାରୀ Crop Cutting Report ଅନୁଯାୟୀ Irrigated Landରେ ଏକର ପ୍ରତି କେତେ ଧାନ ଓ Non-Irrigated Landରେ ଏକର ପ୍ରତି କେତେ ଧାନ ଅମଳ ହୋଇ ଓଡ଼ିଶାର ସର୍ବମୋଟ କେତେ ପରିମାଣର ଧାନ ଅମଳ ହୋଇଛି ଜିଲ୍ଲାୱାରୀ ସବିଶେଷ ତଥ୍ୟ ସହ ସର୍ବମୋଟ ଅମଳ ହୋଇଥିବା ଧାନର ଜିଲ୍ଲାୱାରୀ ବିକ୍ରୟ ଯୋଗ୍ୟ ବଳକା ଧାନର ପରିମାଣ କେତେ ; (ଖ) ବଲାଙ୍ଗିର ଜିଲ୍ଲାରେ କେତେଜଣ ଲେଖାଏଁ ବିଭିନ୍ନ ବର୍ଗର ଚାଷୀ କେତେ ପରିମାଣର Non-Irrigated Land ଓ Irrigated Landରେ ଚାଷ କରିଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେଜଣ ଧାନ ବିକ୍ରୟ କରିବା ପାଇଁ ରେଜିଷ୍ଟ୍ରେସନ କରିଛନ୍ତି ଓ କେତେ ଜଣ ଧାନ ବିକ୍ରୟ କରିବା ପାଇଁ ଅନିଚ୍ଛୁକ ବ୍ଲକୱାରୀ ବିବରଣୀ ଦେବେ କି?

## ଦେବଗଡ ଜିଲ୍ଲାରେ ରେଜିଷ୍ଟ୍ରେସନ ହୋଇଥିବା ଧାନ

***୧୪୦ . ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଦେବଗଡ ଜିଲ୍ଲାରେ ସର୍ବମୋଟ କେତେ କୁଇଣ୍ଟାଲ୍ ଧାନ ରେଜିଷ୍ଟ୍ରେସନ୍ ହୋଇଛି, ସେଥିରୁ କେତେ କୁଇଣ୍ଟାଲ୍ ଧାନ କେଉଁ କେଉଁ ସେବା ସମବାୟ ମାଧ୍ୟମରେ କିଣାଯାଇଛି ଓ ଆଉ କେତେ ଧାନ ବାକି ଅଛି ଏବଂ କେବେସୁଧା ଦେବଗଡ ଜିଲ୍ଲାର ସମସ୍ତ ଚାଷୀଙ୍କ ଧାନ ବିକ୍ରି ହୋଇପାରିବ ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

## ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀର ସଂଖ୍ୟା

***୧୪୧ . ଶ୍ରୀ ମୌଷଧି ବାଗ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ OES I , OES II ଓ SR SES ପ୍ରଧାନ ଶିକ୍ଷକ ପଦବୀରୁ ବର୍ତ୍ତମାନ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ମହାବିଦ୍ୟାଳୟରେ ପି.ଜି. ଖୋଲିବା

***୧୪୨ . ଶ୍ରୀ ସୁଧାଂଶୁ ଶେଖର ପରିଡା :** ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବାଲେଶ୍ୱର ଜିଲ୍ଲାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା +3 ମହାବିଦ୍ୟାଳୟଗୁଡିକରେ ଉପାଧ୍ୟୁତର ଶ୍ରେଣୀ ( ପି.ଜି. କ୍ଲାସ) ଖୋଲିବା ପାଇଁ ରାଜ୍ୟସରକାରଙ୍କ ଠାରେ କୌଣସି ପ୍ରସ୍ତାବ ଅଛିକି, +3 ଉତ୍ତୀର୍ଣ୍ଣ ହେଉଥିବା ହଜାର ହଜାର

ଛାତ୍ରଛାତ୍ରୀମାନେ ପି.ଜି. ପଢିବା ପାଇଁ ଆଗ୍ରହୀ ଥିବାବେଳେ ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଛାଡି ଦେଲେ ଅନ୍ୟ କେଉଁଠି ପଢିବାର ସୁଯୋଗ ନାହିଁ, ସେଠାରେ ମଧ୍ୟ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ଥିବା ସିଟ୍ ସଂଖ୍ୟା ଆବଶ୍ୟକତା ତୁଳନାରେ ଏକ ଦଶମାଂଶରୁ କମ ଅଟେ, ଫଳରେ ଛାତ୍ରଛାତ୍ରୀମାନେ ବାଧ୍ୟ ହୋଇ ଅଧାରୁ ପାଠ ପଢା ଛାଡୁଛନ୍ତି, ପି.ଜି. ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡିକୁ ପି.ଜି. ଶ୍ରେଣୀ ଖୋଲିବା ପାଇଁ ଅନୁମତି ଦେବା ନିମନ୍ତେ ପଦକ୍ଷେପ ନେବେକି?

## ବିନା ସୁଧରେ ଋଣ ପ୍ରଦାନ

***୧୪୩ . ଶ୍ରୀ ନବ ଚରଣ ମାଝି :** ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ 2019 2020 ଓ 2020 2021 ବର୍ଷ ମଧ୍ୟରୁ କେଉଁ ବର୍ଷ କେଉଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ କୃଷକଙ୍କୁ ବିନା ସୁଧରେ 1 ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏଥିପାଇଁ ବ୍ୟାଙ୍କ ମାନଙ୍କୁ ସୁଧ ବାବଦକୁ କେତେ ଅର୍ଥ ପ୍ରଦାନ କରାଯାଇଛି, ସଂପୃକ୍ତ ଅର୍ଥ ବ୍ୟାଙ୍କକୁ ପ୍ରଦାନ ନିମନ୍ତେ ରାଜ୍ୟ ବଜେଟରେ କେଉଁ ବର୍ଷ କେତେ ଅର୍ଥ ବରାଦ କରାଯାଇଛି ତାହା ପ୍ରକାଶ କରିବେକି?

## ପଶୁପାଳନ ପାଇଁ ସବସିଡ଼ି ପ୍ରଦାନ

***୧୪୪ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) 2016 ଠାରୁ 2020 ଆର୍ଥିକ ବର୍ଷ ମଧ୍ୟରେ କେତେଜଣ, କେତେ ଋଣ କେଉଁ କେଉଁ ପଶୁପାଳନ ପାଇଁ ନେଇଛନ୍ତି ଜିଲ୍ଲାୱାରୀ ଜଣାଇବେକି; ସରକାର ପଶୁପାଳନ ପାଇଁ ହିତାଧିକାରୀଙ୍କୁ କେତେ ସବସିଡ଼ି ଦେଉଛନ୍ତି ଓ ସରକାରଙ୍କ କଣ ନୂତନ ଯୋଜନା ରହିଛି କହିବେ କି; (ଖ) ସେହିପରି ଉମରକୋଟ ନିର୍ବାଚନ ମଣ୍ଡଳୀର କେତେଜଣ ସରକାରଙ୍କ ଏହିସବୁ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି , ତାର ତାଲିକା ପ୍ରଦାନ କରିବେ କି ?

## Present Status of Balaram Scheme

***145 . Shri Ramesh Chandra Behera :** Will the minister for Agriculture And Farmers' Empowerment be pleased to state that :- What is the present status of implementation of "Balaram" scheme in the State, give a detailed report on number of beneficiaries identified and number of beneficiaries covered so far under this scheme in respect of Daspalla Assembly constituency ?

## ରାଜ୍ୟର K.oilର କୋଟା

***୧୪୬ . ଶ୍ରୀ ପ୍ରତାପ କେଶରୀ ଦେବ :** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶା ରାଜ୍ୟରେ ବର୍ତ୍ତମାନ K.oilର କୋଟା କେତେ; ବିଗତ ଦିନରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ଚାହିଦା ବଢୁଛି ନା କମୁଛି, ଏହାର ଏକ ସବିଶେଷ ବିବରଣୀ ଦେବେ କି ?

## ପୋଷ୍ୟ ସ୍କୁଲ ଭାବେ ବିବେଚିତ

***୧୪୭ . ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ପୋଷ୍ୟ ସ୍କୁଲ୍ ଭାବେ କେଉଁ ସ୍କୁଲ୍ ଯୋଗ୍ୟ ବିବେଚିତ ସରକାରଙ୍କ ଦୃଷ୍ଟିରେ; ମୁଖ୍ୟମନ୍ତ୍ରୀ ପୋଷ୍ୟ ସ୍କୁଲ୍ କଥା ଘୋଷଣା କଲାପରେ କେତୋଟି ସ୍କୁଲ୍ ପୋଷ୍ୟ ସ୍କୁଲ୍ ଭାବେ ଏପର୍ଯ୍ୟନ୍ତ କେଉଁ କେଉଁ ମାନେ ଗ୍ରହଣ କରିଛନ୍ତି; ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ସ୍କୁଲ୍ ଗୁଡିକ ପୋଷ୍ୟ ସ୍କୁଲ୍ ଭାବେ ଗ୍ରହଣ ଯୋଗ୍ୟ କି ନୁହେଁ; ଆଦିବାସୀ ସ୍କୁଲ୍, ବାଳିକା ସ୍କୁଲକୁ ପୋଷ୍ୟ ସ୍କୁଲ୍ criteria ଭିତରେ ଅଛି କି; ସେବାଶ୍ରମ, ମିଶନ ସ୍କୁଲ୍ ଗୁଡିକୁ ଗ୍ରହଣ ଯୋଗ୍ୟ କି ନୁହେଁ; ସ୍କୁଲର ଅବସ୍ଥା କିପରି ଥିଲେ ପୋଷ୍ୟ ସ୍କୁଲ୍ ଭାବେ ଗ୍ରହଣ କରିହେବ; ପୋଷ୍ୟ ସ୍କୁଲ୍ ଭାବେ ଗ୍ରହଣ କଲାପରେ ଜଣେ ସେ ସ୍କୁଲ୍ ପାଇଁ କି କି କାମ କରିପାରିବ; ସରକାରୀ ବାବୁମାନେ ଯେଉଁ ସବୁ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି ସେମାନେ ନିଜ ବିଭାଗରୁ ଅର୍ଥ ବ୍ୟବସ୍ଥା ଓ ବିଧାୟକ, ସଂସଦ, ମନ୍ତ୍ରୀମାନେ ସେମାନଙ୍କ LADରୁ ଅର୍ଥ ବ୍ୟବସ୍ଥା କରିବେ ନା ନିଜ ଝାଳବୁହା ଧନରୁ କାଢିବେ କହିବେ କି ?

## ଅନୁଦାନପ୍ରାପ୍ତ କଲେଜ ଗୁଡ଼ିକରେ ଅଧ୍ୟାପକ ନିଯୁକ୍ତି

***୧୪୮ . ଶ୍ରୀ ଧ୍ରୁବ ଚରଣ ସାହୁ :** ଉଚ୍ଚ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଅନୁଦାନପ୍ରାପ୍ତ କଲେଜ ଗୁଡ଼ିକରେ ଅଧ୍ୟାପକ ଅଭାବ ଥିବାବେଳେ ସେଗୁଡ଼ିକରେ College Management କୌଣସି ଠିକା ଅଧ୍ୟାପକ ନିଯୁକ୍ତି କରିପାରିବେ ନାହିଁ ବୋଲି ଏକ ନର୍ଦ୍ଦେଶନାମା ସରକାର ଜାରି କରିଛନ୍ତି ଏଭଳିସ୍ଥଳେ ସରକାର ଖାଲିଥିବା ପଦବୀରେ କେବେସୁଧା ନିୟମିତ ଅଧ୍ୟାପକ ନିଯକ୍ତି କରିବେ; ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଠପଢ଼ା ବ୍ୟାହତ ନହେବା ପାଇଁ ସରକାର ଶୀଘ୍ର କୌଣସି ସଠିକ ପଦକ୍ଷେପ ନେବେ କି ?

## ଶ୍ରୀ ପଦ୍ଧତିରେ ଧାନ ଚାଷ

***୧୪୯ . ଶ୍ରୀ ସୌଭିକ୍ ବିଶ୍ୱାଳ :** କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଜିଲ୍ଲାରେ କେତେ ହେକ୍ଟର ଜମିରେ ଶ୍ରୀ ପଦ୍ଧତିରେ ଧାନ ଚାଷ ହୋଇଛି ପ୍ରକାଶ କରି ଶ୍ରୀ ପଦ୍ଧତିରେ ଧାନ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## Cards issue in NAFSA and SAFSA Scheme

***150 . Shri K. Narayana Rao :** Will the minister for Food Supplies & Consumer Welfare be pleased to state that :- How many cards were issued in NAFSA and SAFSA Scheme in the State of Odisha may be given a detailed report District-wise for reference; How many applications were in pending District-wise with the Government and by what time those applicants will get their ration cards may also be submitted; it is regretted to say that some poor family members are depriving to get the ration cards from the Department ?

**Designed By National Informatics Centre, Odisha.**